## ଅନୁଗୋଳରେ ଆଜି ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ।

## ଆକ୍ରାନ୍ତଙ୍କ ସଂଖ୍ୟା ୧୧୮ରେ ପହଞ୍ଚିଲା ।

ଅନୁଗୋଳ,୦୯.୦୭ :- ଆଜି ଅନୁଗୋଳରୁ ଗୋଟିଏ ଦିନରେ ୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଂକ ମଧ୍ୟରେ କଣିହାଁ ବ୍ଲକ୍ ଅଂଚଳର ୫ ଜଣଂକ ମଧ୍ୟରୁ ଜଣେ ମହିଳା ଅଛନ୍ତି । ୬୦ ବର୍ଷ ବୟସ୍କ ଜଣେ ପୁରୁଷ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ୫୦ ବର୍ଷ ବୟସ୍କ ପୁରୁଷ ଅଳ୍ପ କିଛି ଦିନ ତଳେ ଗଞ୍ଜାମରୁ ଫେରିଥିଲେ । ୨୩ ବର୍ଷ ବୟସ୍କ ଜଣେ ଯୁବକ ଗଞ୍ଜାମ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୨୧ ବର୍ଷ ବୟସ୍କ ଯୁବକ ଜଣଂକ ଜିଲ୍ଲା ବାହାରକୁ ଯାଇ ଫେରିଥିବାରୁ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଏହି ବ୍ଲକ୍ ଅଂଚଳର ୫ ନମ୍ବର ଆକ୍ରାନ୍ତ ୭୫ ବର୍ଷର ମହିଳା ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସିଛନ୍ତି । ୬ ନମ୍ବର ଆକ୍ରାନ୍ତ ଜଣଂକ କିଶୋରନଗର ବ୍ଲକ୍ ଅଂଚଳର ୩୯ ବର୍ଷ ବୟସ୍କ ପୁରୁଷ ଅଟନ୍ତି । କିଛି ଦିନ ତଳେ ଆଚାର୍ଯ୍ୟ ହରିହର କ୍ୟାନସର ହସପିଟାଲରୁ ଘରକୁ ଫେରିଥିବା ଜଣେ ଆକ୍ରାନ୍ତ ଯୁବକଂକ ସମ୍ପର୍ଶରେ ସେ ଆସିଥିବାରୁ ପଜିଟିଭ ଚିହ୍ନଟ ହୋଇଛନ୍ତି । ୭ ନମ୍ବର ୩୮ ବର୍ଷ ବୟସ୍କ ଆକ୍ରାନ୍ତ ଜଣଂକ ତେଲେଙ୍ଗାନାରୁ ଫେରି ଛେଣ୍ଡିପଦା ବ୍ଲକର ଏକ ଅସ୍ଥାୟୀ ମେଡିକାଲ ଶିବିରରେ ସଙ୍ଗରୋଧରେ ଥିଲେ । ଏହି ୭ ଜଣ ଆକ୍ରାନ୍ତଂକୁ ଆଜି ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଜିଲ୍ଲାରେ ୭ ଜଣ ଆକ୍ରାନ୍ତଂକୁ ମିଶାଇ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୧୧୮ରେ ପହଞ୍ଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୪୧ ତା.୦୯.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।